**ଭାରତ ସଂଘ ଏବଂ ଅନ୍ୟ ଜଣେ**

**ବନାମ**

**ସି. ଏସ୍. ସିଧୁ**

**(ଦେୱାନୀ ଆବେଦନ ସଂଖ୍ୟା 4474/2005)**

**ମାର୍ଚ୍ଚ 31, 2010**

**[ମାର୍କଣ୍ଡେୟ କାଟଜୁ ଏବଂ ଏ. କେ. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]**

*ସେବା ଆଇନ:*

*ଭିନ୍ନକ୍ଷମ ପେନସନ - ଅଧିକାରୀ ଜଣକ ସ୍ୱଳ୍ପକାଳୀନ ସେବା ନିଯୁକ୍ତି ମାଧ୍ୟମରେ 22.5.1968 ରେ ଭାରତୀୟ ସେନାରେ ଯୋଗ ଦେଇଥିଲେ - 21.11.1970 ରେ ଅତି ଉଚ୍ଚ ସ୍ଥାନରେ ନିଯୁକ୍ତ ଥିବା ସମୟରେ ଆହତ ହେଲେ - 23.6.1978 ରେ ସେବାରୁ ମୁକ୍ତ ହେଲେ - ଭିନ୍ନକ୍ଷମ ପେନସନ ପାଇଁ କେବଳ 22.6.1968 ରୁ 21.11.1970 ପର୍ଯ୍ୟନ୍ତ ଅବଧିକୁ ଧ୍ୟାନରେ ରଖାଯାଇଛି - ଏହା ବିଚାର କରାଯାଇଥିଲା ଯେ: ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବେ ବିଚାର କରିଛନ୍ତି ଯେ ଭିନ୍ନକ୍ଷମ ପେନସନ ପାଇଁ ଯୋଗ୍ୟକାରୀ ସେବା ଉଦ୍ଦେଶ୍ୟରେ, 22.6.1968 ରୁ 23.6.1978 ପର୍ଯ୍ୟନ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିଯୁକ୍ତ ସେବାର ସମ୍ପୂର୍ଣ୍ଣ ଅବଧିକୁ ଧ୍ୟାନରେ ରଖିବାକୁ ହେବ - ବାର୍ଷିକ 8 ପ୍ରତିଶତ ସୁଧ ସହିତ ବକେୟା ରାଶିକୁ ତିନି ମାସ ମଧ୍ୟରେ ଉତ୍ତରଦାତାଙ୍କୁ ପ୍ରଦାନ କରାଯିବ - ସଶସ୍ତ୍ର ସେନା - ସାମରିକ।*

*ସଶସ୍ତ୍ର ସେନା:*

*ସେନା ଅଧିକାରୀ ଏବଂ ସେନା କର୍ମଚାରୀମାନେ - ନ୍ୟାୟାଳୟଙ୍କ ଦ୍ୱାରା ଦର୍ଶାଯାଇଥିବା ଚିନ୍ତା ଯେ ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନଙ୍କୁ ଉନ୍ନତ ଏବଂ ଅଧିକ ମାନବିକ ଭାବରେ ବ୍ୟବହାର କରାଯିବା ଉଚିତ, ବିଶେଷ କରି ସେମାନଙ୍କର ପାରିଶ୍ରମିକ, ପେନସନ ଏବଂ ଅନ୍ୟାନ୍ୟ ସୁବିଧା ସମ୍ବନ୍ଧରେ ସେମାନଙ୍କୁ ଏପରି ଉନ୍ନତ ଏବଂ ଅଧିକ ମାନବିକ ବ୍ୟବହାର କରାଯିବା ଉଚିତ - ସେବା ଆଇନ - ଭିନ୍ନକ୍ଷମ ପେନସନ।*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 4474/2005।

ଭାରତ ସଂଘ ଏବଂ ଅନ୍ୟ ଜଣେ ବନାମ ସି. ଏସ୍. ସିଧୁ

ଦେୱାନୀ ଆଜ୍ଞାଦେଶ ଯାଚିକା ସଂଖ୍ୟା 12299/2002 ରେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 11.12.2003 ତାରିଖର ରାୟ ଏବଂ ଆଦେଶରୁ ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ ଅତିରିକ୍ତ ମହା ନ୍ୟାୟାଭିକର୍ତ୍ତା ପରାଗ ପି. ତ୍ରିପାଠୀ, ଆରତୀ ଗୁପ୍ତା, କୁନାଲ ବାହରି ଏବଂ ଅନୀଲ କାଟିୟାର୍ ।

ଉତ୍ତରଦାତାଙ୍କ ତରଫରୁ ସୁଷ୍ମିତା ଲାଲ୍ (ଏନ୍. ପି.) ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

## ଆଦେଶ

1. ଆବେଦନକାରୀମାନଙ୍କ ତରଫରୁ ଉପସ୍ଥିତ ବିଜ୍ଞ ଅତିରିକ୍ତ ମହା ନ୍ୟାୟାଭିକର୍ତ୍ତା ଶ୍ରୀ ପରାଗ ପି. ତ୍ରିପାଠୀଙ୍କ ଯୁକ୍ତିକୁ ଆମ୍ଭେ ଶୁଣିଲୁ ।

2. ଆଜି ଉତ୍ତରଦାତାଙ୍କ ତରଫରୁ କୌଣସି ଉପସ୍ଥିତି ନାହିଁ ।

3. ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଦୁଇ ଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠଙ୍କ 11.12.2003 ତାରିଖର ଆକ୍ଷେପିତ ରାୟ ଏବଂ ଆଦେଶ, ଯଦ୍ୱାରା ଏଠାରେ ଥିବା ଉତ୍ତରଦାତା (ଯିଏକି ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନକାରୀ ଥିଲେ) ଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଦାଏର ହୋଇଥିବା ଆଜ୍ଞାଦେଶ ଆବେଦନକୁ ସେଠାରେ ଅନୁମତି ଦିଆଯାଇଛି ଏବଂ ଏଠାରେ ଥିବା ଆବେଦନକାରୀମାନଙ୍କୁ (ଯେଉଁମାନେ ଉଚ୍ଚ ନ୍ୟାୟାଳୟରେ ଉତ୍ତରଦାତା ଥିଲେ) ଉତ୍ତରଦାତାଙ୍କ ପୂର୍ଣ୍ଣ ବେତନ ସେବାର ସମ୍ପୂର୍ଣ୍ଣ ଅବଧିକୁ 22.06.1968 ରୁ 23.06.1978 ପର୍ଯ୍ୟନ୍ତ ଯୋଗ୍ୟକାରୀ ସେବା ଭାବେ ଗଣନା କରିବାକୁ ଏବଂ 23.6.1978 ରେ ବଳବତ୍ତର ଥିବା ପେନସନ ସ୍କେଲ୍ ଅନୁଯାୟୀ ତାଙ୍କ ଭିନ୍ନକ୍ଷମ ପେନସନକୁ ହିସାବ କରିବାକୁ ଏବଂ ସେହି ତାରିଖ ପର ଠାରୁ ତାଙ୍କୁ ଅନ୍ୟ ସମସ୍ତ ସୁବିଧା ଦେବାକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଦେଶ ଦିଆଯାଇଛି, ବିରୁଦ୍ଧରେ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ କରାଯାଇଛି ।

4. ଆକ୍ଷେପିତ ରାୟ ଏବଂ ଆଦେଶରେ ବିସ୍ତୃତ ତଥ୍ୟ ଦିଆଯାଇଛି । ତେଣୁ, ଆମ୍ଭେ ଏଠାରେ ତାହାର ପୁନରାବୃତ୍ତି କରୁନାହୁଁ ।

5. ଏହି ଆବେଦନରେ ସମ୍ପୃକ୍ତ ପ୍ରଶ୍ନ ହେଉଛି ଯେ ଏଠାରେ ଥିବା ଉତ୍ତରଦାତାଙ୍କୁ ଭିନ୍ନକ୍ଷମ ପେନସନ ପ୍ରଦାନ ଉଦ୍ଦେଶ୍ୟରେ ତାଙ୍କ ଦ୍ୱାରା 22.06.1968 ରୁ 23.06.1978 ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବା ସମ୍ପୂର୍ଣ୍ଣ ବେତନ ସେବାକୁ ଭାରତ ସଂଘ ଦ୍ୱାରା ଯୋଗ୍ୟକାରୀ ସେବା ଭାବରେ ଗଣନା କରାଯିବ କି ନାହିଁ।

6. ଏଠାରେ ଥିବା ଉତ୍ତରଦାତା ଭାରତୀୟ ସେନାର ଜଣେ ଅଧିକାରୀ ଥିଲେ, ଯାହାଙ୍କୁ 22.06.1968 ରେ ଏକ ସ୍ୱଳ୍ପକାଳୀନ ସେବା ନିଯୁକ୍ତି ଦିଆଯାଇଥିଲା । ଏକ ସ୍ୱଳ୍ପକାଳୀନ ସେବା ନିଯୁକ୍ତି 5 ବର୍ଷ ପାଇଁ ଦିଆଯାଏ ଏବଂ ଏହାକୁ ଆଉ ମାତ୍ର 5 ବର୍ଷ ବୃଦ୍ଧି କରାଯାଇପାରିବ । ତାଙ୍କୁ ଏକ ଅତି ଉଚ୍ଚ ସ୍ଥାନରେ ନିଯୁକ୍ତ କରାଯାଇଥିଲା ଏବଂ 21.11.1970 ରେ କର୍ତ୍ତବ୍ୟ ନିର୍ବାହ କରିବା ସମୟରେ ସେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଏବଂ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାର ପରିଣାମ ସ୍ୱରୂପ, ଉତ୍ତରଦାତାଙ୍କ ଡାହାଣ ହାତକୁ କାଟିବାକୁ ପଡ଼ିଥିଲା । ଏହା ସହିତ ତାଙ୍କର ଫିମର୍ (ଜଙ୍ଘ ହାଡ଼) ଓ ମାଣ୍ଡିବଲ୍ (ହନୁ ହାଡ଼) ଭାଙ୍ଗି ଯାଇଥିଲା । ତାଙ୍କୁ 23.6.1978 ରେ ସେନା ସେବାରୁ ମୁକ୍ତ କରାଯାଇଥିଲା । ତାଙ୍କ ଭିନ୍ନକ୍ଷମ ପେନସନ ପାଇଁ, କେବଳ 22.6.1968 ରୁ 21.11.1970 ପର୍ଯ୍ୟନ୍ତ ଅବଧିକୁ ସେନା କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ବିଚାରକୁ ନିଆଯାଇଥିଲା । ସେନା କର୍ତ୍ତୃପକ୍ଷମାନଙ୍କ ଉକ୍ତ ନିର୍ଣ୍ଣୟ ଦ୍ୱାରା ବ୍ୟଥିତ ହୋଇ, ଉତ୍ତରଦାତା ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ କରିଥିଲେ ଯାହାକୁ ଆକ୍ଷେପିତ ରାୟ ଏବଂ ଆଦେଶ ଦ୍ୱାରା ଅନୁମତି ଦିଆଯାଇଛି । ସେଥିପାଇଁ, ଆବେଦନକାରୀମାନେ ଆମ୍ଭ ସମ୍ମୁଖରେ ଆବେଦନ କରୁଛନ୍ତି ।

7. ଆମ୍ଭେ ଆକ୍ଷେପିତ ରାୟ ଏବଂ ଆଦେଶକୁ ପଢ଼ିଲୁ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦୁଇ ଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠଙ୍କ ସହିତ ଆମ୍ଭେ ସମ୍ପୂର୍ଣ୍ଣ ଭାବେ ଏକମତ ଯେ ଭିନ୍ନକ୍ଷମ ପେନସନ ପାଇଁ ଯୋଗ୍ୟକାରୀ ସେବା ଉଦ୍ଦେଶ୍ୟରେ ଉତ୍ତରଦାତାଙ୍କ ଦ୍ୱାରା 22.6.1968 ରୁ 23.6.1978 ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବା ନିଯୁକ୍ତ ସେବାର ସମ୍ପୂର୍ଣ୍ଣ ଅବଧିକୁ ଧ୍ୟାନରେ ରଖିବାକୁ ପଡିବ । ତଦନୁସାରେ, ଆମ୍ଭେ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟ ଏବଂ ଆଦେଶରେ ହସ୍ତକ୍ଷେପ କରିବାର କୌଣସି କାରଣ ଦେଖୁନାହୁଁ । ତଦନୁସାରେ ଆବେଦନକୁ ଖାରଜ କରାଯାଇଛି । ଖର୍ଚ୍ଚ ବିଷୟରେ କୌଣସି ଆଦେଶ ଦିଆଯାଇନାହିଁ । ବାର୍ଷିକ 8% ସୁଧ ସହିତ ବକେୟା ରାଶିକୁ ତିନି ମାସ ମଧ୍ୟରେ ଉତ୍ତରଦାତାଙ୍କୁ ପ୍ରଦାନ କରାଯିବ ।

8. ଏହି ମାମଲାକୁ ଶେଷ କରିବା ପୂର୍ବରୁ, ଆମ୍ଭେ ଦୁଃଖର ସହ ଏହା କହିବାକୁ ଚାହୁଁଛୁ ଯେ ଆମ ଦେଶର ସେନା ଅଧିକାରୀ ଏବଂ ସେନା କର୍ମଚାରୀମାନଙ୍କ ସହିତ ସରକାରଙ୍କ ଦ୍ୱାରା ଅତ୍ୟନ୍ତ

ଖରାପ ବ୍ୟବହାର କରାଯାଉଛି । ଏହି ମାମଲାରେ, ଉତ୍ତରଦାତା, ଯିଏକି ଏକ ଅତି ଉଚ୍ଚ ସ୍ଥାନରେ ନିଯୁକ୍ତ ହୋଇଥିଲେ ଏବଂ ତାଙ୍କ କର୍ତ୍ତବ୍ୟ ନିର୍ବାହ କରିବା ସମୟରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ତାଙ୍କୁ ଏହି ଆବେଦନର ଅନୁଲଗ୍ନକ-ପି 3 ରେ ଦର୍ଶାଯାଇଥିବା ପରି ଏକ ସ୍ୱଳ୍ପ ପେନସନ ପ୍ରଦାନ କରାଯାଇଥିଲା । ଏହା ଏକ ଅତି ଅଳ୍ପ ପେନସନ (ମାସିକ ପାଖାପାଖି 1000/- ଟଙ୍କା ଯୁକ୍ତ ମହଙ୍ଗା ଭତ୍ତା) । ଯଦି ସେନା କର୍ମଚାରୀମାନଙ୍କ ପ୍ରତି ଏଭଳି ବ୍ୟବହାର କରାଯାଏ, ତେବେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କୁହାଯାଇପାରିବ । ସେନା କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ ସାହସର ସହିତ ଦେଶକୁ ରକ୍ଷା କରୁଛନ୍ତି ଏବଂ ଆମ୍ଭେ ଅନୁଭବ କରୁ ଯେ ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନଙ୍କୁ ଉନ୍ନତ ଏବଂ ଅଧିକ ମାନବିକ ଭାବରେ ବ୍ୟବହାର କରାଯିବା ଉଚିତ, ବିଶେଷ କରି ସେମାନଙ୍କର ପାରିଶ୍ରମିକ, ପେନସନ ଏବଂ ଅନ୍ୟାନ୍ୟ ସୁବିଧା ସମ୍ବନ୍ଧରେ ସେମାନଙ୍କୁ ଏପରି ଉନ୍ନତ ଏବଂ ଅଧିକ ମାନବିକ ବ୍ୟବହାର କରାଯିବା ଉଚିତ ।

ଆର୍.ପି. ଆବେଦନକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।